ପ୍ରମେୟ
THE PRAMEYA
ମଙ୍ଗଳବାର
୯ ଜାନୁଆରୀ ୨୦୧୮

ଅତାବିରାରେ ପ୍ରିନ୍ସିପାଲ ସେକ୍ରେଟାରୀ

ଅତାବିରା,୮।୧(ଆପ୍ର): ସରକାରଙ୍କ ଯୋଜନାକ୍ରମେ ପ୍ରିନ୍ସିପାଲ ସେକ୍ରେଟାରୀ ବିଜୟ ଅରୋରା ଆଜି ଅତାବିରା ବ୍ଲକର ପ୍ରମୁଖ କାର୍ଯ୍ୟାଳୟ ଗୁଡ଼ିକୁ ପରିଦର୍ଶନ କରି ଉନ୍ନୟନ ମୂଳକ ଯୋଜନା ତଥା ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଛନ୍ତି।

ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଣୀ ଚିକିତ୍ସାଳୟ, କୃଷି କାର୍ଯ୍ୟାଳୟ, ବୁଣାକାରଙ୍କ ହସ୍ତତନ୍ତ ସମବାୟ ସମିତି, ଜାମଟିକ୍ରା ଅଙ୍ଗନୱାଡ଼ି କେନ୍ଦ୍ର, ଛତୁ ଉତ୍ପାଦନ କେନ୍ଦ୍ର, କୁମେଲସିହା ଅଙ୍ଗନୱାଡ଼ି କେନ୍ଦ୍ର, ପଞ୍ଚାୟତ ଅଫିସ୍ ଆଦିକୁ ପହଞ୍ଚି ବିଭିନ୍ନ ସୁବିଧା ଅସୁବିଧା ବିଷୟରେ ଆଲୋଚନା କରିଥିଲେ। ଅତାବିରା ଦୁଗ୍ଧ ସମବାୟ ସମିତିରେ ଚାଷୀ ତଥା ଗୋପାଳନ କରୁଥିବା ଚାଷୀଙ୍କ ସମସ୍ୟା ଓ ସମାଧାନ ପାଇଁ ଆଲୋଚନା କରିଥିଲେ। ବିଡିଓ ରେବେକା ବିଲୁଙ୍ଗ, ଜିଲ୍ଲା ପ୍ରାଣୀ ଚିକିତ୍ସାଧିକାରୀ ଦିଲ୍ଲୀପ ପଣ୍ଡା, ଡିପିସି ସୁଶାନ୍ତ ଚୋପାଦାର, ବିଇଓ ରାଜାରାମ ମେହେର, ଏମ୍‌ଫେଡ୍ ଜିଏମ୍ କେ. ନାରେନ ମୂର୍ତ୍ତି, କୃଷି ଅଧିକାରୀ, ମତ୍ସ୍ୟ ଅଧିକାରୀ ତଥା ଡାକ୍ତରମାନେ ପ୍ରମୁଖ ଉପସ୍ଥିତ ଥିଲେ।